वियोज्य / ***DETACHABLE***

# ORIYA

## Paper II

## (LITERATURE)

| *Time Allowed : Three Hours* | *Maximum Marks : 250* |
|---|---|

### QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions.**

There are EIGHT questions divided into two SECTIONS.

Candidate has to attempt FIVE questions in all.

Question No. **1** and **5** are compulsory and out of the remaining, THREE are to be attempted choosing at least ONE from each section.

The number of marks carried by a question/part is indicated against it.

Answers must be written in ORIYA.

Word limit in questions, wherever specified, should be adhered to.

Any page or portion of the page left blank in the answer book must be clearly struck off.

Attempts of questions shall be counted in chronological order. Unless struck off, attempt of a question shall be counted even if attempted partly.

## SECTION 'A'

**1.** ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା **150** ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।) 10×5=50

**1.(କ)** କୋଣାର୍କ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣନାରେ କବି ସାରଳାଦାସଙ୍କ ଅସାଧାରଣ ପ୍ରତିଭାର ମୂଲ୍ୟାୟନ କର ।

**1.(ଖ)** ଆଧୁନିକ ସମାଜ ପାଇଁ କପୋତପକ୍ଷୀ ଉପାଖ୍ୟାନ ମହାନ୍ ଗୁରୁବାଦର ନିର୍ମଳ ପରଂପରା ପ୍ରତିଷ୍ଠାରେ କିପରି ସହାୟକ ହୋଇଛି, ଆଲୋଚନା କର ।

**1.(ଗ)** ବର୍ଷା ବର୍ଣ୍ଣନରେ ଶୃଙ୍ଗାରରସ ଓ ଭକ୍ତିରସର ଯେଉଁ ସୁମଧୁର ସମନ୍ୱୟ ଘଟିଛି, 'ରସକଲ୍ଲୋଳ' କାବ୍ୟରୁ ତାର ପ୍ରାସଙ୍ଗିକତା ବିଚାର କର ।

**1.(ଘ)** ଉତ୍କଳର ପରମ୍ପରା ଓ ପ୍ରସିଦ୍ଧି 'ଚନ୍ଦ୍ରଭାଗା' କାବ୍ୟକୁ କିପରି ମହିମାମଣ୍ଡିତ କରିଛି, ତାର ଆଲୋଚନା କର ।

**1.(ଙ)** କବିତା ଶୈଳୀସର୍ବସ୍ୱ ହେଲେ ସକଳ ପ୍ରକାର ସୌକୁମାର୍ଯ୍ୟ ହରାଇ ବସେ, 'କବିତା-୧୯୬୨' ପୁସ୍ତକର ଆଧାରରେ ଏହାର ସତ୍ୟତା ବିଚାର କର ।

**2.** ନିମ୍ନପ୍ରଦତ୍ତ ବିଷୟରେ **400** ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

**2.(କ)** ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ପ୍ରସଙ୍ଗରୁ ମାଟିର ମହାକବି ସାରଳାଦାସଙ୍କ କବିତ୍ୱର ପରାକାଷ୍ଠା ପ୍ରଦର୍ଶନ କର ।

**2.(ଖ)** ନୈତିକ ଶିକ୍ଷା ମାଧ୍ୟମରେ ଏକ ସୁସ୍ଥ ସୁନ୍ଦର ଆଦର୍ଶ ସମାଜ ଗଠନ ହେଉଛି ଭାଗବତର ମୂଳ ଉଦ୍ଦେଶ୍ୟ । 'ଯଦୁ ଅବଧୂତ ସମ୍ବାଦ'ରୁ ଏହାର ସତ୍ୟତା ବିଚାର କର ।

3. ନିମ୍ନପ୍ରଦତ୍ତ ବିଷୟରେ **400** ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

3.(କ) କବି ଜୀବନର କରୁଣଚିତ୍ର ରସକଲ୍ଲୋଳର ପଠିତ ଛାନ୍ଦ ଅନୁସରଣରେ ଅନୁଶୀଳନ କର ।

3.(ଖ) 'ପଦ ସରଳ ଧ୍ୱନିରେ ମାନସ ମୋହିବ
ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବ ହେ' —
'ଲାବଣ୍ୟବତୀ'ର ପଠିତ ଛାନ୍ଦ ଆଧାରରେ ଏହାର ଯଥାର୍ଥତା ପ୍ରତିପାଦନ କର ।

4. ନିମ୍ନପ୍ରଦତ୍ତ ବିଷୟରେ **400** ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

4.(କ) କବି ମାନସିଂହଙ୍କ ଜୀବନର ଆତ୍ମଲିପି କିପରି 'ଜୀବନଚିତା'ର ଛତ୍ରେ ଛତ୍ରେ ଲିପିବଦ୍ଧ ହୋଇଛି, ଆଲୋଚନା କର ।

4.(ଖ) ମୃତ୍ୟୁକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ରୂପେ ପରିକଳ୍ପନା କରିବା ମଧ୍ୟରେ ଜୀବନ ପାଇଁ ନୂତନ ଅର୍ଥବୋଧର ଅନ୍ୱେଷଣ ହେଉଛି ରମାକାନ୍ତଙ୍କ କାବ୍ୟଚେତନାର ମୁଖ୍ୟ ଆକର୍ଷଣ, 'ସପ୍ତମଋତୁ' ଅନୁସରଣରେ ଏହାର ଅନୁଶୀଳନ କର ।

## SECTION 'B'

5. ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା **150** ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।) 10×5=50

5.(କ) ଯୁଗଯନ୍ତ୍ରଣାର ବାହକଭାବେ ଦର୍ଶକର ବୌଦ୍ଧିକ ଚେତନାକୁ ସ୍ପର୍ଶ କରିବାରେ 'କାଠଘୋଡ଼ା'ର ଏକ ସ୍ୱତନ୍ତ୍ର ଭୂମିକା ରହିଛି, ବିଚାର କର ।

5.(ଖ) ସାଂପ୍ରତିକ ମଣିଷକୁ ଆୟତ୍ତ କରିବାକୁ ହେଲେ ଖାଲି ବିଦ୍ୟା ନୁହେଁ, ବୁଦ୍ଧିର ଯଥେଷ୍ଟ ଆବଶ୍ୟକତା ରହିଛି, 'ଦାନାପାଣି' ଏହାର ସଫଳ ଦୃଷ୍ଟାନ୍ତ, ବିଚାର କର ।

5.(ଗ) ଅହମିକା ଓ ଆତ୍ମବଡ଼ିମାର ଆର୍ତ୍ତଚିତ୍କାରରେ ଧରାଶାୟୀ ହୋଇଛି ବିବେକ । 'ବ୍ୟାଘ୍ରାରୋହଣ' ଗଳ୍ପରୁ ଏହାର ସତ୍ୟତା ନିରୂପଣ କର ।

5.(ଘ) ସମକାଳୀନ ସମାଜ ଜୀବନର ନିଛକ ଚିତ୍ର 'ମରାଳର ମୃତ୍ୟୁ' ଗଳ୍ପରେ କିପରି ପ୍ରତିଫଳିତ ହୋଇଛି ଆଲୋଚନା କର ।

5.(ଙ) 'ମୁଁ ସତ୍ୟଧର୍ମା କହୁଛି' ପ୍ରବନ୍ଧ ଗ୍ରନ୍ଥର ପ୍ରଥମ ପାଞ୍ଚଗୋଟି ପ୍ରବନ୍ଧ ଆଧାରରେ ମଣିଷ ଜୀବନରେ ସତ୍ୟର ସ୍ୱରୂପ ସମ୍ପର୍କରେ ଅନୁଶୀଳନ କର ।

6. ନିମ୍ନପ୍ରଦତ୍ତ ପ୍ରତ୍ୟେକ ବିଷୟରେ **400** ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

6.(କ) ଐତିହାସିକ ଘଟଣାକୁ ସମକାଳୀନ ଜୀବନାଦର୍ଶ ମଧ୍ୟରେ ରୂପଦେବାରେ ନାଟ୍ୟକାରଙ୍କ କୃତିତ୍ୱ 'ଟଟନିରଂଜନା' ନାଟକ ଅବଲମ୍ବନରେ ବିଚାର କର ।

6.(ଖ) ସାଂପ୍ରତିକ ମଣିଷ ତାର ଜୀବନ ପରିସର ମଧ୍ୟରେ ନିଜକୁ ଏକାନ୍ତ ଅସହାୟ ମନେକରୁଛି, 'କାଠଘୋଡ଼ା' ହେଉଛି ତାହାର ନିଛକ ଦୃଷ୍ଟାନ୍ତ, ବିଚାର କର ।

7. ନିମ୍ନପ୍ରଦତ୍ତ ବିଷୟରେ **400** ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

7.(କ) 'ଲୋଭରୁ ପାପ ଏବଂ ପାପରୁ ମୃତ୍ୟୁ' — ଏହି ବାଣୀଟି ଛ'ମାଣ ଆଠଗୁଣ୍ଠ ଉପନ୍ୟାସକୁ ଏକ ଆଦର୍ଶନିଷ୍ଠ ଉପନ୍ୟାସରେ ପରିଣତ କରିଛି, ଏହି ଉକ୍ତିର ସମୀକ୍ଷା କର ।

7.(ଖ) ଯୁଦ୍ଧୋତ୍ତର ସଂଘର୍ଷମୁଖର ସ୍ଥିତିବାଦର ଏକ ମନୋଜ୍ଞ ଇସ୍ତାହାର ହେଉଛି ଉପନ୍ୟାସ 'ଦାନାପାଣି', ଏହି ଉକ୍ତିର ସାରବତ୍ତା ପ୍ରମାଣ କର ।

8. ନିମ୍ନପ୍ରଦତ୍ତ ବିଷୟରେ **400** ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

8.(କ) ମନୋଜ ଦାସଙ୍କ ଚରିତ୍ରଭିତ୍ତିକ ଗଳ୍ପଗୁଡ଼ିକରେ ହାସ୍ୟ କରୁଣ ପରିସ୍ଥିତି ଏକ ଉତ୍ତୀର୍ଣ୍ଣ ଦିବ୍ୟ ସନ୍ତୋଷର ରୂପ ନେଇଥାଏ, 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥରୁ ଏହାର ସତ୍ୟତା ବିଚାର କର ।

8.(ଖ) ନିର୍ଭୟ ହୋଇ ଆପଣାର ଜୀବନରେ ଆପଣାର ଆକାଙ୍କ୍ଷାକୁ ପରିପୂର୍ଣ୍ଣ କରିବା ଦିଗରେ ବୋରିସ୍ ପାସ୍ତରନାକ ହେଉଛନ୍ତି ଏକ ଭିନ୍ନସ୍ୱାଦର ମଣିଷ, ଏହାର ଯଥାର୍ଥତା ନିରୂପଣ କର ।

---